# ଗାଁକୁ ରାସ୍ତା ନାହିଁ, ଖଟିଆରେ ବୁହା ହେଲେ ରୋଗୀ



ସମ୍ବଲପୁର,(ସବ୍ୟ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକର ଗଡ଼ଲୁଇସିଙ୍ଗ ପଞ୍ଚାୟତର ବେଲପାଣି ଗାଁରେ ହଠାତ୍ ସୁମିତ୍ରା ପାରେଖ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏଥିପାଇଁ ପରିବାର ଲୋକ ୧୦୮ ଆମ୍ବୁଲାନ୍ସ ସେବାକୁ ଫୋନ୍ କରିଥିଲେ। ପରିବାର ଲୋକଙ୍କ ଫୋନ ପାଇ ୧୦୮ ଆମ୍ବୁଲାନ୍ସ ଗହିରପାଲିରୁ କୁସୁମଟିକିରା ଦେଇ ବେଲପାଣି ଗାଁ ଆସୁଥିଲା। ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସିପାରିନଥିଲା । ଫଳରେ ଖଟିଆରେ ବୋହି ରୋଗୀଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିଲେ ସମ୍ପର୍କୀୟ। ଦୀର୍ଘ ଦେଢ଼ କିମି ବାଟ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟମାନେ ବୋହି ଆଣିଥିଲେ ।

କିନ୍ତୁ କୁସୁମଟିକିରା ନାଳ ଉପରେ ଏଯାଏ ପୋଲ ନିର୍ମାଣ ହୋଇ ନଥିବାରୁ ଆମ୍ବୁଲାନ୍ସ ଗାଁକୁ ଯାଇ ପାରି ନଥିଲା । କୁସୁମଟିକିରା ନାଳରୁ ରୋଗୀଙ୍କ ଗାଁ ବେଲପାଣିର ଦୂରତା ପ୍ରାୟ ଦେଢ଼ କିମି । ନାଳ ଏପଟେ ଆମ୍ବୁଲାନ୍ସ ଅଟକି ରହିବାରୁ ପରିବାର ଲୋକ କୌଣସି ଉପାୟ ନପାଇ ରୋଗୀଙ୍କୁ ଗୋଟିଏ ଖଟିଆରେ ବୋହିବାକୁ ବାଧ ହୋଇଥିଲେ । ସେମାନେ ରୋଗୀଙ୍କୁ ବୋହି ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣୁଥିବାର ଭିଡିଓ ଏବେ ଭାଇରାଲ ହୋଇଛି ।

ସମ୍ବଲପୁର ସଦର ମହକୁମାର ଠାରୁ ୫୦ /୬୦ କିମି ଦୂରରେ ଥିବା ଅଞ୍ଚଳରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଏହାଠାରୁ ଆଉ ଟିକିଏ ଦୂରରେ ଥିବା ଅଞ୍ଚଳର ଅବସ୍ଥା ନ କହିବା ଭଲ। ପରିବାର ଲୋକ ପୀଡ଼ିତାଙ୍କୁ ୪୫ ମିନିଟ କାଳ ଖଟିଆ ବୋହି ଆଣିବାର ଚିତ୍ର ମଧ୍ୟ ପ୍ରକାଶ ପାଇଛି। କେବଳ ଏହି ଘଟଣା ନୁହେଁ, ଓଡ଼ିଶାର ନୂଆ ପିଢ଼ୀର ପିଲାମାନଙ୍କୁ ଅପପୃଷ୍ଟିର ଶିକାର କରାଇବା, ସକରାରୀ ଡାକ୍ତରଖାନାରେ ଡାକ୍ତର ଉପଲବ୍ଧ ନ କରାଇବା ଆଜି ଓଡ଼ିଶାର ସ୍ୱାସ୍ଥ୍ୟ ସେବାର କିଭଳି ଚାଲିଛି, ତା'ର ପ୍ରମାଣ ଦେଉଛି। ଏବେ ସମୟ ଆସିଛି ଏହାକୁ ବଦଳାଇବାର ।

# ସହିଦ ଯବାନ ପ୍ରମୋଦ କୁମାର ମାଝୀଙ୍କୁ ଗାର୍ଡ ଅଫ୍ ଅନର

ବୌଦ୍ଧ, (ସବ୍ୟ) : ବୌଦ୍ଧ ପଞ୍ଚମ ଆଇଆରବିଏନ ରେ କାର୍ଯ୍ୟରତ ଯବାନ ପ୍ରମୋଦ କୁମାର ମାଝୀଙ୍କ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଥିଲା । ସେ ବୌଦ୍ଧ ପଞ୍ଚମ ଆଇଆରବିଏନରେ ୨୦୦୯ ମସିହାରେ କାର୍ଯ୍ୟରେ ଯୋଗ ଦେଇଥିଲେ । ସେ ଗତ ୨୮ ତାରିଖରେ ତାମିଲନାଡୁର ତିର୍ଚି କୁ ନିର୍ବାଚନ ଡ୍ୟୁଟିରେ ଯାଇଥିଲେ । ସେଠାରେ ଗତ ୪ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଥିଲେ । ସେଠାରେ ଏକ ହସ୍ପିଟାଲ ରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପ୍ରଚାରିତ ହେବା ମାତ୍ରେ ଜିଲ୍ଲାରେ ଶୋକର ଛାୟା ଖେଳଯାଇଥିଲା । ତାଙ୍କର ପାର୍ଥିବ ଶରୀରକୁ ବିମାନ ଯୋଗେ ପ୍ରଥମେ ଭୁବନେଶ୍ୱର ଅଣାଯାଇ ସେଠାରୁ ମଙ୍ଗଳବାର ରାତିରେ ବୌଦ୍ଧ ସ୍ଥିତ ଆଇଆରବିଏନ ବାଟାଲିଅନକୁ ଅଣାଯାଇଥିଲା । ସେଠାରେ କମାଣ୍ଡେଣ୍ଟ ,ଆସିଷ୍ଟାଣ୍ଟ କମାଣ୍ଡେଣ୍ଟଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କର ଅନ୍ତିମ ଦର୍ଶନ କରି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ସେଠାରୁ ତାଙ୍କର ମର ଶରୀରକୁ ତାଙ୍କର ପୈତୃକ ଘର ନୂଆପଡ଼ା ଜିଲ୍ଲା ଧର୍ମବନ୍ଧା ଗାଁକୁ ନିଆଯାଇଛି ।

# ଖଲିଗଡ଼ ଗ୍ରାମବାସୀଙ୍କ ନିଆଁରା ଢଙ୍ଗରେ ବିହନ ଛିନା ଯାତ୍ରା



କୋକସରା,(ସବ୍ୟ) କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ । ଏହି ଗ୍ରାମ ଅଧୀନରେ ୭ଟି ପାଲି ଆଦିବାସୀ ଗ୍ରାମ ରହିଥିବା ବେଳେ ଏଠିକାର ଆଦିବାସୀ ଜଙ୍ଗଲ ଜାତ ଦ୍ରବ୍ୟ ଓ ଚାଷ କରି ଜୀବିକା ନିର୍ବାହ କରନ୍ତି। ମଙ୍ଗଳବାର ଖଲିଗଡ଼ ଅଞ୍ଚଳର ଆଦିବାସୀ ମାନେ ସକାଳୁ ବିହନ ଛିନା ଯାତ୍ରା ପାଳନ ଅବସରରେ ଗାଁ ଠାରୁ ଅଳ୍ପ ଦୂରରେ ଥିବା ବିହନ ଛିନା ପଡ଼ିଆ ଦେବାଦେବୀଙ୍କ ଲାଠିକୁର୍ସି, କାଲିସି ସହ ପହଞ୍ଚିବା ପରେ ଗାଁ ଦିଶାରୀ ଧାରଣୀ ଗୁଡି ଦେବାଦେବୀଙ୍କୁ ଶୁକ୍ଳ ଭୋଗ ଓ କୁକୁଡ଼ା, ପାରା ବଳି ଦେଇ ପୂଜାର୍ଚ୍ଚନା କରିବା ପରେ ମାଟି ଘରେ ଥିବା ଅଣ୍ଡା ଆକୃତିର ଏକ ବଡ଼ ପଥରକୁ ଉଠାଇବା ପରମ୍ପରା ରହିଛି। ସ୍ଥାନୀୟ ଭାଷାରେ ଏହି ଗୋଲାକାର ପଥରକୁ ଭିମା ଅଣ୍ଡା ବୋଲି କୁହନ୍ତି। ମାନ୍ୟତା ଅଛି ଯେ ଯେଉଁ ଚାଷି ବିଶ୍ୱାସ ଓ ଶ୍ରଦ୍ଧାରେ ମାଟି ଦେବତାଙ୍କ ନାମ ସ୍ମରଣ କରି ଏହି ପଥରକୁ ଉଠାଇ ପରିକ୍ରମା କରିବ ତାର ଚାଷ ଭଲ ହେବ ଓ ଯିଏ ଅବିଶ୍ୱାସ କରନ୍ତି ସେହି ଚାଷୀ ଏହି ଭିମା ଅଣ୍ଡାକୁ ଉଠାଇ ପାରନ୍ତି ନାହିଁ ବୋଲି ଏଠିକାର ଲୋକେ କୁହନ୍ତି। ବିହନ ଛିନା ଯାତ୍ରା ପରିଶେଷରେ ଚାଷୀମାନେ ବିହନ ନେଇ ଖୁସି ମନରେ ଘରକୁ ନାଚିଗାଇ ଫେରିଥାନ୍ତି। ବିହନ ଛିନା ଯାତ୍ରାକୁ ଗ୍ରାମର ଗୌନ୍ତିଆ ଗବ୍ର ମାଝୀ, ଗଣା ଯଦୁ ମହାନନ୍ଦ, ପୁଜକ ମାନସିଂ ପୁଝାରି, ଶିରା ନବେ ମାଝୀ, ଜୟଧର ଚଳାନ, ପଦ୍ମନ ଚଳାନ, ବିରେନ କନ୍ଧ, ତ୍ରିନାଥ ପୁଝାରି, ପୁରୁନ କନ୍ଧ, ସହଦେ ମାଝୀ, ଯୁଗଳ ମାଝୀ, ବିନୁ ମାଝୀ, କ୍ଷୀରସିନ୍ଧୁ ମାଝୀ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହି ପାଳନ କରିଛନ୍ତି।

## ସ୍ୱାଗତ ଦେଖି ଭାବବିହ୍ୱଳ ହେଲେ ଦିଲ୍ଲୀପ

# ମୁଁ ବିଜେପିରେ ଅଛି, ମୋ ନିର୍ବାଚନ ଲଢ଼ିବା ଦଳ ଉପରେ ନିର୍ଭର କରେ



ସୁନ୍ଦରଗଡ଼, (ସବ୍ୟ) : ଦିଲ୍ଲୀରୁ ଫେରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟର ବରିଷ୍ଠ ନେତା ଦିଲୀପ ରାୟଙ୍କୁ ରାଉରକେଲାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିଛି। ସାଧାରଣ ଲୋକ ଓ ବିଜେପି କର୍ମୀମାନେ ତାଙ୍କୁ ବାଣ ଫୁଟାଇ ସ୍ୱାଗତ କରିଛି। ଦିଲୀପଙ୍କ ସହିତ ବିଜେପିର ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଜୁଏଲ୍ ଓରାମ ମଧ୍ୟ ଥିଲେ।

ଦିଲୀପ ବିଜେପି ଟିକେଟରେ ରାଉରକେଲାରୁ ଲଢ଼ିବେ ବୋଲି ପୂର୍ବରୁ ଜୁଏଲ କହି ସାରିଥିଲେ। କିନ୍ତୁ ଆଜି ଦିଲୀପ ରାୟ ବଡ଼ ବୟାନ ଦେଇଛନ୍ତି। ତାଙ୍କ ପ୍ରତି ଥିବା ସମର୍ଥନକୁ ଦେଖି ସେ ଭାବବିହ୍ୱଳ ହୋଇପଡ଼ିଛନ୍ତି। ସେ କହିଛନ୍ତି ଯେ ମୁଁ ବିଜେପିରେ ଅଛି। ବିନା ନିର୍ବାଚନରେ ଲୋକେ ମୋତେ ଜିତାଇ ସାରିଲେଣି। ମୁଁ ପୂର୍ବରୁ ବିଜେପିରୁ ଇସ୍ତଫା ଦେଇଥିଲି। କିନ୍ତୁ ଦଳ ତାକୁ ଗ୍ରହଣ କରି ନାହିଁ। ତେଣୁ ମୁଁ ବିଜେପି ଦଳର ସଦସ୍ୟ। ନିର୍ବାଚନ ପାଇଁ ଲୋକମାନେ ପ୍ରସ୍ତୁତ ଅଛନ୍ତି। ମୁଁ ବି ପ୍ରସ୍ତୁତ ଅଛି। ପାର୍ଟି ଯାହା ନିଷ୍ପତ୍ତି ନେବେ, ସେକଥା ୨ ଦିନ ଭିତରେ ଜଣାପଡ଼ିଯିବ।

ଅନ୍ୟପକ୍ଷରେ ରାଉରକେଲାରେ ଚଳିତ ନିର୍ବାଚନରେ ବଡ଼ ଲଢ଼େଇ ଦେଖିବାକୁ ମିଳିବ । କାରଣ ବିଜେଡିରୁ ଶାରଦା ନାୟକ ପ୍ରାର୍ଥୀ ହୋଇଛନ୍ତି। ବିଜେପି ଏଯାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ନଥିଲେ ହେଁ ଦିଲୀପ ରାୟ ହିଁ ଟିକେଟ ପାଇବା ଏକପ୍ରକାରର ନିଶ୍ଚିତ ହୋଇ ସାରିଛି। ୨୦୧୪ ନିର୍ବାଚନରେ ଶାରଦା ନାୟକ ଓ ଦିଲୀପ ରାୟଙ୍କ ଭିତରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏଥିରେ ଦିଲୀପ ରାୟ ବିଜୟୀ ହୋଇଥିଲେ। ୨୦୧୪ ପୁନରାବୃତ୍ତି ପୁଣି ୨୦୨୪ରେ ହେବାକୁ ଯାଉଥିବା କୁହାଯାଉଛି।

ଦିଲୀପ ରାୟ ବୁଧବାର ଅପରାହ୍ନରେ ବିମାନ ଯୋଗେ ଦିଲ୍ଲୀରୁ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ହିଁ ତାଙ୍କୁ ହଜାର ହଜାର ସଂଖ୍ୟାରେ ଲୋକେ ସ୍ୱାଗତ କରିବା ଆରମ୍ଭ କରିଥିଲେ। ଦିଲୀପ ରାୟ କହିଛନ୍ତି, ଓଡ଼ିଶାରେ କୌଣସି ରାଜନେତାଙ୍କୁ କେବେ ହେଲେ ଏମିତି ସ୍ୱାଗତ କେହି ଦେଇ ନଥିବେ। ଏଭଳି ଘଟଣା କେବଳ ରାଉରକେଲାରେ ହୁଏ। ଏହାକୁ ଦେଖି ମୁଁ ବେଶ ଭାବବିହ୍ୱଳ ହୋଇ ପଡ଼ିଛି। ବିନା ନିର୍ବାଚନରେ ଲୋକମାନେ ମୋତେ ଜିତାଇ ସାରିଲେଣି। ରାଉରକେଲାବାସୀଙ୍କୁ ମୁଁ ହାତ ଯୋଡ଼ି ଧନ୍ୟବାଦ ଜଣାଉଛି। ମୋ ଇସ୍ତଫାପତ୍ର ଗ୍ରହଣ ହୋଇ ନାହିଁ। ମୁଁ ବିଜେପିରେ ଅଛି। ୨୦୧୪ର ପୁନରାବୃତ୍ତି ୨୦୨୪ରେ ହେବ କି ପ୍ରଶ୍ନରେ ଶ୍ରୀ ରାୟ କହିଛନ୍ତି, ଯାହା ରାଉରକେଲାର ଭାଇ-ଭଉଣୀ ନିଷ୍ପତ୍ତି ନେବେ। ଶାରଦା ନାୟକ କହୁଛନ୍ତି ଯେ ଏହା ଧନୀ ଓ ଗରିବଙ୍କ ଲଢ଼େଇ ହେବ। ଏହାର ଉତ୍ତରରେ ଦିଲୀପ ରାୟ କହିଛନ୍ତି, ଲଢ଼େଇ କିଛି ନାହିଁ। ଏହା ଗଣତନ୍ତ୍ରର ଗୋଟିଏ ପର୍ବ। ଲୋକମାନେ ନିଜ ଇଚ୍ଛାରେ ପ୍ରାର୍ଥୀଙ୍କୁ ବାଛିବେ। ଲୋକମାନେ ପ୍ରସ୍ତୁତ ଅଛନ୍ତି ତ ମୁଁ ବି ପ୍ରସ୍ତୁତ। ଲୋକଙ୍କ ଏତେ ଭିଡ଼ ଦେଖି ଆପଣମାନେ ଭାବୁଥିବେ ଟଙ୍କା ଦିଆଯାଇ ଲୋକଙ୍କୁ ଅଣା ଯାଇଛି। କିନ୍ତୁ ବାସ୍ତବରେ ଟଙ୍କାଟିଏ ବି କାହାକୁ ଦିଆଯାଇ ନାହିଁ। ଲୋକମାନେ ଖବର ପାଇବା ମାତ୍ରେ ଆସିଛନ୍ତି। ପ୍ରାର୍ଥୀ ଘୋଷଣା ହେବା ପରେ ପ୍ରସଙ୍ଗ ଆସିବ।

# ନନୀ ମା' ଙ୍କ ଚୈତ୍ର ପର୍ବ, ରକ୍ତ ରଞ୍ଜିତ ହେଲା ନନୀ ଦେଈ ପୀଠ



ସିନାପାଲି, (ସବ୍ୟ) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଳ ଅଞ୍ଚଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ମିଳନ ପର୍ବ ଚୈତ୍ର ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ପର୍ବ ଦେଖିବା ପାଇଁ ଆଖ ପାଖ ଅଞ୍ଚଳର ସହସ୍ରାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ବୁଧବାର ପାରମ୍ପାରିକ ରୀତି ନୀତି ଅନୁସାରେ ମା' ଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୋଡାଳ ଗ୍ରାମ ଭିତରେ ଥିବା ଛତର ମନ୍ଦିର ଠାରୁ ମା' ଙ୍କ ପାଲିଙ୍କି ଓ କାଳସି ସବାର କଳସ ଧରି ଗ୍ରାମ ପରିକ୍ରମା କରିଥିଲେ । ସାଙ୍ଗରେ ଗ୍ରାମର ଆବାଲ ବୃଦ୍ଧ ବନିତା ସାମିଲ ରହି ମା' ଙ୍କ କୃପା ଲାଭ କରିଥିଲେ। ରାତ୍ର ସମୟରେ ଡଙ୍ଗର ଗାଁ – ଗୋଡାଳ ମଧ ଭାଗରେ ଥିବା ଉତ୍ପତ୍ତି ସ୍ଥଳୀରେ ମା' ଙ୍କୁ ମାନସିକଧାରି ଭକ୍ତ ମାନେ ବଳି ଦେଇ ମଙ୍ଗଳ କାମନା କରିଥିଲେ। ଏହି ପର୍ବ ଅବସର ରେ ଅଞ୍ଚଳର ଜନସାଧାରଣ ବନ୍ଧୁ ବାନ୍ଧବ ନିମନ୍ତ୍ରିତ ହୋଇ ଆସିଥାନ୍ତି। ଯାହା ପରସ୍ପର ମଧ୍ୟରେ ମହା ମିଳନର ନିଦର୍ଶନ ଦେଖିବାକୁ ମିଳିଥାଏ। ପରମ୍ପରା କିମ୍ବଦନ୍ତୀ ଅନୁସାରେ ଗୋଡାଳ ଗ୍ରାମରେ କେଉଁ ଆବହମାନ କାଳରୁ ଆଦିବାସୀ ମାନେ ଏହି ପର୍ବକୁ ପାଳନ କରି ଆସୁଛନ୍ତି। ଜଣାଯାଏ ଯେ ତତ୍କାଳୀନ ସମୟରେ ସିଙ୍ଗାର ଗ୍ରାମର ଗୌନ୍ତିଆ ଗଡ ଦେବୀ ଭାବରେ ମା ବୁଢ଼ୀ ଠାକୁରାଣୀ ଓ ନନୀ ମା' ଙ୍କୁ ପୂଜା କରୁଥିଲେ। ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରରେ ଗୌନ୍ତିଆଙ୍କ ଝିଅ ସେବା କାର୍ଯ୍ୟ କରିବା ସହ ମନ୍ଦିରର ଅନେକ ଦାୟିତ୍ୱ ତୁଲାଉଥିଲେ। ଏହି ଝିଅକୁ ପରବର୍ତ୍ତୀ ସମୟରେ ଗୋଡାଳ ଗ୍ରାମର ଗୌନ୍ତିଆଙ୍କ ପୁଅ ସହିତ ଝିଅର ବାହା ଘର ହୋଇଥିଲା। ହେଲେ ସେହି ଝିଅ ସହିତ ନନୀ ମା ଦେବୀ ଗୋଡାଳ ଗ୍ରାମକୁ ଚାଲି ଆସିଥିଲେ। ସିଙ୍ଗାର ଗୌନ୍ତିଆ ଦେବୀଙ୍କୁ ଆଣିବାକୁ ଆସିଥିଲେ ମଧ ଯାଇ ନ ଥିଲେ। ଶେଷରେ ସିଙ୍ଗାର ଗୌନ୍ତିଆଙ୍କ ପୂଜା ସାମଗ୍ରୀ ପ୍ରଥମେ ଆସିଲା। ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥାଏ । ମା' ଙ୍କ ପୀଠରେ ପାରା, କୁକୁଡ଼ା, ବୋଦା ବଳି ଦିଆ ଯାଇଥିଲା । ଫଳରେ ପୀଠ ରକ୍ତ ରଞ୍ଜିତ ହୋଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ

ବୌଦ୍ଧ,(ସବ୍ୟ): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ଧୁମ୍ ଧାମ୍ ରେ ପାଳିତ ହୋଇଯାଇଛି । ଓଡ଼ିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଲକ୍ଷ୍ମଣ ନାଏକ ଉଦଘାଟନ କରିଥିଲେ । ସ୍କୁଲ ସମ୍ପାଦକ ସାର ପ୍ରଧାନ,ପ୍ରଧାନ ଆଚାର୍ଯ୍ୟ ଧରଣୀ ଧର ପରିଡ଼ା,ସହ-ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ମଞ୍ଚରେ ଉପସ୍ଥିତ ଥିଲେ । ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବ ବର୍ଷ ରୂପେ ପାଳନ କରାଯାଇଥାଏ । ମୁଖ୍ୟ ଅତିଥି ଶ୍ରୀ ନାଏକ ରାଷ୍ଟ୍ରୀୟ ନବ ବର୍ଷର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ତଥା ସେବକ ସେବିକା ସହଯୋଗ କରିଥିଲେ । ଶେଷରେ ଗୁରୁଜୀ ଅଶୋକ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖୀରେ ଦାନାମାଲ ଗାଁରେ ଭାଙ୍ଗିଲା କୁକୁଡ଼ା ଭାଡ଼ି, ଚିନ୍ତାରେ ଚାଷୀ

ଖପ୍ରାଖୋଲ,(ସବ୍ୟ): ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ଦାନାମାଲ ଗାଁ ରେ ଅଦିନିଆ ଝଡ଼ ବର୍ଷା ଯୋଗୁଁ ବସନ୍ତ ସାହୁଙ୍କ କୁକୁଡ଼ା ଭାଡ଼ି ଭାଙ୍ଗିଯାଇଥିବା ଜଣାଯାଇଛି। ବର୍ଷେ ହେଲା ନିଜ ଉଦ୍ୟମରେ ୫ ହଜାର କୁକୁଡା ପାଳନ ପାଇଁ ଋଣ କରି କୁକୁଡ଼ା ଭାଡ଼ି ତିଆରି କରିଥିବା ବେଳେ ମଙ୍ଗଳବାର ଝଡ଼ବର୍ଷାରେ ଭାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଭାଡ଼ିରେ କୁକୁଡ଼ା ନ ଥିବା ଜଣା ଯାଇଛି। ଆକସ୍ମିକ ଭାଡ଼ି ଭାଙ୍ଗିବା ପରେ ଚିନ୍ତାରେ ଚାଷୀ। ଏନେଇ ପ୍ରାଣୀ ସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗକୁ ଚାଷୀ ଜଣାଇଥିବା ପ୍ରକାଶ କରିଛନ୍ତି।

# ଦେବଗଡରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର

ଦେବଗଡ, (ସବ୍ୟ) : ଦେବଗଡ଼ ସହର ସ୍ଥିତ ଟାଉନ ହଲ୍ ସମ୍ମୁଖରେ ପୌର ପରିଷଦ ପକ୍ଷରୁ ନିର୍ମାଣଧୀନ ଫୁଡ୍ କୋର୍ଟର ଷ୍ଟାଟସ ରିପୋର୍ଟ ତଥା ଏହାର ନିର୍ମାଣର ବୈଧତା ସମ୍ପର୍କରେ ତଦନ୍ତ ପାଇଁ ଆରଡିସି ଶ୍ରୀକାନ୍ତ ପୃଷ୍ଟି ଦେବଗଡରେ ପହଞ୍ଚିଥିଲେ । ସେ ପ୍ରଥମେ ପୌର ପରିଷଦ କାର୍ଯ୍ୟାଳୟ ଯାଇ ସେଠାରେ ପଚରାଉଚୁରା କରିବା ପରେ ନିର୍ମାଣ କାର୍ଯ୍ୟ ହୋଇଥିବା ଟାଉନ୍ ହଲ ସମ୍ମୁଖରେ ପହଞ୍ଚି ସମସ୍ତ ସ୍ଥିତି ଅନୁଧ୍ୟାନ କରିଥିଲେ। ପୌର ପରିଷଦ ପକ୍ଷରୁ ଟାଉନ ହଲ୍ ସମ୍ମୁଖରେ ନିର୍ମାଣ ଚାଲିଥିବା ଫୁଡ୍ କୋର୍ଟକୁ ଜିଲ୍ଲା ନାଗରିକ କମିଟି ପକ୍ଷରୁ ବିରୋଧ କରାଯାଇ ହାଇକୋର୍ଟରେ କେଶ ଦାୟର କରାଯାଇଥିଲା । ହାଇକୋର୍ଟ ଏହି ନିର୍ମାଣରେ ରୋକ ଲଗାଇ ଥିବା ବେଳେ ଏହାର ଷ୍ଟାଟସ ରିପୋର୍ଟ ପାଇଁ ଉତ୍ତରାଞ୍ଚଳ ଆରଡିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆରଡିସି ଶ୍ରୀକାନ୍ତ ପୃଷ୍ଟି, ତାଙ୍କ ବ୍ୟକ୍ତିଗତ ସଚିବ ସୁକାନ୍ତ ତ୍ରିପାଠୀ ଦେବଗଡ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଦେବଗଡ ସହରର ଏକ ମୁଖ୍ୟ ରାସ୍ତାକୁ ଅବରୋଧ କରି ଟାଉନ ହଲ୍ ସମ୍ମୁଖରେ ପୌର ପରିଷଦ ପକ୍ଷରୁ ଏହି ଫୁଡ୍ କୋର୍ଟ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଏହାର ବିରୋଧ କରିଥିଲେ । ସେହିପରି ପୌର ପରିଷଦ କାଉନସିଲରେ ଏହି ପ୍ରସ୍ତାବ ପାଳିତ ହୋଇନଥିବା ଯୋଗୁଁ ସଂଖ୍ୟା ଗରିଷ୍ଠ କାଉନସିଲର ଏହାକୁ ବିରୋଧ କରିଥିଲେ । ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ତତ୍କାଳୀନ ଏସପି ଓ ଅଗ୍ନି ଶମ ବିଭାଗ ପକ୍ଷରୁ ମଧ ଏହି ପ୍ରକଳ୍ପକୁ ନାପସନ୍ଦ କରାଯାଇଥିଲା । ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆରଡିସି ଏହାର ତଦନ୍ତ କରିଥିବା ବେଳେ ରିପୋର୍ଟ ଉପରେ ସମସ୍ତଙ୍କ ନଜର ରହିଛି ।

# ପ୍ରୋତ୍ସାହନ ଅଭାବରୁ ହଜିବାକୁ ବସିଛି ବୌଦ୍ଧ ଚାନ୍ଦୁଆ ଶିଳ୍ପ



ବୌଦ୍ଧ,(ସବ୍ୟ): ଶିଳ୍ପ ବିହୀନ ବୌଦ୍ଧଜିଲ୍ଲା ରାଜ୍ୟରେ ଏକ ଅନଗ୍ରସର ଓ ପଛୁଆ ଜିଲ୍ଲା ଭାବରେ ପରିଗଣିତ ହେଉଛି । ଜିଲ୍ଲାରେ ଶିଳ୍ପ କହିଲେ ତନ୍ତ ଓ ଚାନ୍ଦୁଆ କାରିଗରି । ପ୍ରୋତ୍ସାହନ ଅଭାବରୁ ଦିନକୁ ଦିନ ତନ୍ତ ବନ୍ଦ ହେବାକୁ ଯାଉଥିବା ବେଳେ ଚାନ୍ଦୁଆ ଶିଳ୍ପ ମଧ ମଉଳିବାରେ ଲାଗିଛି । ବୌଦ୍ଧର ଚାନ୍ଦୁଆ ଶିଳ୍ପ ପ୍ରଚାର ପ୍ରସାର ଅଭାବରୁ ବଣମଲ୍ଲୀ ଭଳି ଲୋକଲୋଚନର ଆଢୁଆଳରେ ରହିଯାଇଛି । କିନ୍ତୁ କାରିଗରୀ ବିଦ୍ୟା, ମାନବତ୍ତା, ଗୁଣବର୍ତ୍ତା, ଆକର୍ଷଣ ଡିଜାଇନକୁ ଦେଖିଲେ ଯେ କେହିବି ପ୍ରଶଂସା ନ କରିରହି ପାରିବ ନାହିଁ । ଏହାଲୋକ ଲୋଚନକୁ ନ ଆସିବାର ମୁଖ୍ୟ କାରଣ ହେଲା ସରକାରୀ ପ୍ରୋତ୍ସାହନର ଘୋର ଅଭାବ । ଏହାଛଡା ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ପଛୁଆ ଥିବାରୁ ପର୍ଯ୍ୟଟକଙ୍କ ଅଭାବ ଯୋଗୁଁ ଚାନ୍ଦୁଆ ଶିଳ୍ପ ମଧ ଅଗ୍ରଗତି କରିପାରୁନାହିଁ । ସେହିପରି ଏହି ଚାନ୍ଦୁଆ ତିଆରି ସାମଗ୍ରୀ ଗୁଡିକୁ ବିକ୍ରି କରିବା ପାଇଁ ଆବଶ୍ୟକ ବଜାରର ଅଭାବ ରହିଛି । ଯାହାଫଳରେ ଉତ୍ପାଦିତ ଜିନିଷ ଗୁଡିକୁ ବିକ୍ରି କରିବା ପାଇଁ ସେମାନଙ୍କୁ ବିଭିନ୍ନ ସମସ୍ୟା ଦେଇ ଗତିକରିବାକୁ ପଡୁଛି । ଶହଶହ ବର୍ଷ ପୂର୍ବରୁ ବୌଦ୍ଧ ଅଂଚଳରେ ଚାନ୍ଦୁଆ ଶିଳ୍ପ ଆରମ୍ଭ ହୋଇଥିବା ଜଣାଯାଏ । ଜିଲ୍ଲାରେ ମେହେର ସଂପ୍ରଦାୟର ଲୋକମାନେ ଏହି କାରିଗରୀ କାର୍ଯ୍ୟ କରିଥାନ୍ତି । ମର୍ଜାକୁଦର ଖଇରୁ ମେହେର ନାମକ ଜଣେ କାରିଗରକୁ ଚାନ୍ଦୁଆ କାରିଗରୀ ଶିକ୍ଷା ଲାଭ କରିବା ପାଇଁ ତତକାଳିନ ବୌଦ୍ଧର ମହାରାଜା ତାଙ୍କୁ କଲିକତା ପଠାଇଥିଲେ । କଲିକତାରେ ସେ ରହି କାରିଗରୀ କୌଶଳି ଶିକ୍ଷାଲାଭ କରି ଫେରିଥିଲେ । ସର୍ବପ୍ରଥମେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଇଁ ଦୁଇଟି ପାଟଛତ୍ର ଓ ବୌଦ୍ଧଗଡର ଇଷ୍ଟଦେବୀ ମାଁ ଦୁର୍ଗାଙ୍କ ପାଇଁ ଦୁଇଟି ପାଟଛତ୍ର ତିଆରି କରି ମହାରାଜାଙ୍କ ଠାରେ ଉଚ୍ଚ ପ୍ରସଂଶିତ ହୋଇଥିଲେ । ପରବର୍ତ୍ତି ସମୟରେ ଆନ୍ଦନ, ଗୋପୀନାଥ,ହରି ଏହାକୁ କୌଳିକ ବୃତ୍ତି ଭାବରେ ଗ୍ରହଣ କରିନେଇଥିଲେ । ତାପରେ ଆଜିବି ସେମାନଙ୍କ ବଂଶଦମାନେ ବୌଦ୍ଧ ସହର ବୁଟୁପାଲି ଠାରେ ରହି ଚାନ୍ଦୁଆ ଶିଳ୍ପକୁ କୌଳିକ ବୃତ୍ତି ଭାବରେ ଆପଣାଇ ନେଇ ଗୁଜୁରାଣ ମେଣ୍ଟାଇ ଚାଲିଛନ୍ତି । ବୌଦ୍ଧଜିଲ୍ଲାର ଦଣ୍ଡଯାତ୍ରାର ଏକ ସ୍ୱତନ୍ତ୍ରତା ରହିଥିବା ବେଳେ ଦଣ୍ଡଯାତ୍ରାରେ ଛତ୍ର,ପରଭା,ବାନା, ଆଲଟ, ତରାସ ଆଦି ବିଭିନ୍ନ ସାମଗ୍ରୀ ଦେବୀଙ୍କ ଠାରେ ଲାଗିଥାଏ । ଦଣ୍ଡଯାତ୍ରା କମିଟି ଏହି ସବୁକୁ କିଣିଥାନ୍ତି । ସେହିପରି ଭକ୍ତମାନେ ମଧ ସେମାନଙ୍କ ମାନସିକ ପୂରଣ ହେବା ନେଇ ଏହି ସବୁ ଜିନିଷ ଦେବୀଙ୍କ ଠାରେ ମାନିସିକ କରିଥାନ୍ତି । ଏହି ସବୁ ଜିନିଷ ତିଆରି କରିବା ପାଇଁ ପରିବାରର ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିଥାନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାନ୍ଦୁଆ କାରିଗରୀ କାର୍ଯ୍ୟ ହେଉଥିବା ବେଳେ ବର୍ତ୍ତମାନ ସହରର ବୁଟୁପାଲି , ମର୍ଜାକୁଦ, ବୌଦ୍ଧ ବ୍ଲକର ସିଦ୍ଧପୁର, ବାଉଁଶୁଣୀ, ଅଇଁଳାପାଲି, ବହିରା, ଗଜରାଜପୁର ଆଦି ଅଂଚଳରେ ଚାନ୍ଦୁଆ କାମ ହେଉଥିବାର ଜଣାଯାଏ । ଏହି ଚାନ୍ଦୁଆ ସାମଗ୍ରୀ ଗୁଡିକ ବାହାର ବଜାରରରେ ଚାହିଦା ଅଧିକ ରହିଥିବା ବେଳେ ସମ୍ବଳ ଅଭାବରୁ ବହୁ ପରିମାଣରେ ଉତ୍ପାଦନ ହୋଇପାରୁନାହିଁ । ସାଧାରଣତଃ ସ୍ଥାନୀୟ ବଜାରରେ ଚୈତ୍ର,ବୈଶାଖ ଓ ଅଶ୍ୱିନ ମାସରେ ଏହାର ଚାହିଦା ଅଧିକ ହୋଇଥିବା ବେଳେ ବର୍ଷର ଅନ୍ୟ ମାସରେ ବିକ୍ରି ଅଧିକ ସେତେଟା ହୋଇ ନଥାଏ । ବର୍ତ୍ତମାନ ଲୋକମାନେ ଘର ସାଜସଜ୍ଜା ପାଇଁ ଚାନ୍ଦୁଆ ତିଆରି ଜିନିଷ କିଣିଥାନ୍ତି । ତଥାପି ସ୍ଥାନୀୟ କାରିଗରମାନେ ଜିଲ୍ଲାର ବାହାର ଅନୁଷ୍ଠାନ ଜରିଆରେ ଦେଶ ବିଦେଶ ପର୍ଯ୍ୟନ୍ତ ଏହି ଚାନ୍ଦୁଆକୁ ପହଞ୍ଚାଇ ପାରିଛନ୍ତି । ଏପରିକି ବିଭିନ୍ନ ମେଳା, ମହୋତ୍ସବ ଜରିଆରେ ଏହି ଚାନ୍ଦୁଆ କାରିଗରୀ ଜିନିଷକୁ ବିକ୍ରି କରୁଛନ୍ତି । ଏହା ହିଁ ସେମାନଙ୍କ କୌଳିକ ବୃତ୍ତି ହୋଇ ଥିବାରୁ ଏଥିରୁ ଯାହା ରୋଜଗାର ହୋଇଥାଏ ସେଥିରେ ପରିବାର ଚଳିଥାଏ । ସରକାର ସମ୍ପ୍ରତି କଳକାରଖାନା ଶିଳ୍ପ ଉପରେ ଗୁରୁତ୍ୱ ଦେଇ ଆସୁଥିବା ବେଳେ ପ୍ରୋତ୍ସାହନ ଅଭାବରୁ ବୌଦ୍ଧ ଅଂଚଳର ଶହ ଶହ ପୁରୁଣା ଚାନ୍ଦୁଆ ଶିଳ୍ପ ଧିରେ ଧିରେ ମଉଳିବାରେ ଲାଗିଛି । ଚାନ୍ଦୁଆ ଶିଳ୍ପ ମାଧ୍ୟମରେ ବୌଦ୍ଧ ଅଂଚଳକୁ ପରିଚିତ କରାଉଥିବା ଚାନ୍ଦୁଆ ଶିଳ୍ପ ଉପରେ ସରକାର ଦୃଷ୍ଟି ଦେଲେ ଏହି ଶିଳ୍ପ ଲୋକାଦୃତ ହୋଇପାରିବ ।

# କଣ୍ଟାପାଲି ଗ୍ରାମବାସୀଙ୍କ ଆହ୍ୱାନ, ସ୍କୁଲ ନାହିଁ ତ ଭୋଟ ନାହିଁ




ବଲାଙ୍ଗିର, (ସବ୍ୟ) : ଆଗଲପୁର (ଡୁଡୁକା ) ବ୍ଲକ କୁଟାସିଂହା ପଞ୍ଚାୟତ କଣ୍ଟାପାଲି ଗ୍ରାମବାସୀ ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତି ନେଇଛନ୍ତି । ଏହି ଗାଁରେ ୧୯୭୨ ମସିହାରେ ଏକ ୟୁ ପି ସ୍କୁଲ ସ୍ଥାପିତ ହୋଇଥିଲା । ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯନ୍ତ ଆରମ୍ଭ ହୋଇଥିବା ଏହି ସ୍କୁଲରେ ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ । ପୂଣି ଏହାର କିଛି ବର୍ଷ ପରେ ୫ମ ପର୍ଯନ୍ତ ହୋଇଥିଲା ଓ ଦୁଇ ଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ । ସବୁ ଠିକ ଠାକ ଚାଲିଥିଲା । ହେଲେ ୨୦୨୨ ମସିହାରେ ସରକାରଙ୍କ ନୁଆଁ ମାର୍ଗଦର୍ଶିକା ଆସିଲା । ୩୦ ଜଣରୁ କମ ଛାତ୍ରଛାତ୍ରୀ ଥିବା ସ୍କୁଲ ଉଠିଯିବ ।ସେଇ ସମୟରେ ଏହି ସ୍କୁଲରେ ୨୮ ଜଣ ଛାତ୍ର ଛାତ୍ରୀ ଥିବାରୁ ତାହା ସରକାରଙ୍କ ପକ୍ଷରୁ ଉଠାଇ ଦିଆଯାଇ କୁଟାସିଂହା ହାଇସ୍କୁଲରେ ସାମିଲ ହେଲା । ଏଠାରେ କାର୍ଯ୍ୟରତ ୨ ଜଣ ଶିକ୍ଷକ ମଧ୍ୟ ସେଠାରେ ନିଯୁକ୍ତି ହେଲେ । କିନ୍ତୁ ହାଇସ୍କୁଲକୁ ଛାତ୍ରଛାତ୍ରୀ ପଢିବାକୁ ଗଲେନାହିଁ । ସମସ୍ୟା ହେଲା ଗାଁରୁ ହାଇସ୍କୁଲ ବହୁଦୂର ହେବ । ତାହାପୁଣି ମୁଖ୍ୟ ରାସ୍ତାରେ ଥିବାରୁ ଦୈନିକ ଶତାଧିକ ଯାନ ବାହନ ଚଳ ପ୍ରଚଳ କରୁଥିବାରୁ ନିଜ ଛୋଟ ଛୋଟ ପିଲାଙ୍କୁ ସେଠାକୁ ଛାଡିବାକୁ ଅଭିଭାବକ ମାନେ ସୁରକ୍ଷିତ ମଣୁନଥିବା କହିଛନ୍ତି । ସେଇଥି ପାଇଁ ଯିଏ ଯୁଆଡେ ପାରିଲା ନିଜ ପିଲାଙ୍କୁ ପଢ଼ାଉଛନ୍ତି । ଏପଟେ ଛୁଆ ପଢିବାକୁ ଆସୁ ନ ଥିବାରୁ ୨ଜଣ ଶିକ୍ଷକ ବସି ରହୁଛନ୍ତି ଏ ସମ୍ପର୍କରେ ସିଆରସିସି, ବିଆରସି, ବିଓ, ଏବିଓ, ଡି ଓ, ପର୍ଯନ୍ତ ଜଣେଇ ଥିଲେ ସୁଦ୍ଧା କିଛି ସୁଫଳ ମିଳିନଥିବା କହିଛନ୍ତି ଗ୍ରାମବାସୀ । ସେମାନଙ୍କ କହିବାନୁସାରେ ସ୍କୁଲ ନ ଉଠିବାକୁ କେସ ମଧ୍ୟ କରାଯାଇଛି । ଯାହା ଏବେ ହାଇକୋର୍ଟରେ ବିଚରାଧୀନ ଅଛି । ଅନ୍ୟ ପକ୍ଷରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଏ ବିଷୟରେ ଦୃଷ୍ଟି ଆକର୍ଷଣ କରାଯାଇଛି ହେଲେ କୌଣସି ପ୍ରତିକ୍ରିୟା ମିଳିନାହିଁ । ଆଗକୁ ୨୦୨୪ସାଧାରଣ ନିର୍ବାଚନ ଆସୁଥିବାରୁ ସ୍କୁଲ ନାହିଁ ତ ଭୋଟ ନାହିଁ ବୋଲି ଗାଁ ସଭାରେ ନିଷ୍ପତି ନିଆଯାଇଛି ।

# ଉତ୍ତମ ଶିକ୍ଷା ଲୋକଙ୍କ ଆର୍ଥିକ ଉନ୍ନତି କରିବ : ସମରେନ୍ଦ୍ର




ବଲାଙ୍ଗିର,(ସବ୍ୟୁ): ସାମ୍ନାରେ ବସିଥିବା ମାଆ ଭଉଣୀ ମାନେ ଆଗାମୀ ଦିନରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଆଗରୁ ନିଜ ଅତୀତକୁ ଟିକେ ବିଚାରକୁ ନିଅନ୍ତୁ। ଅତୀତରେ କଂଗ୍ରେସ ସରକାର ଅମଳରେ ଶିକ୍ଷା ବ୍ୟବସ୍ଥା ରେ ଗରିବ ଧନୀ ସମସ୍ତେ ଗୋଟିଏ ସ୍କୁଲରେ ପଢୁଥିଲେ । ସେହି ଶିକ୍ଷା ବ୍ୟବସ୍ଥାକୁ ରାଜ୍ୟରେ ବିଜେଡି ସରକାର ଆସିଲା ପରେ ଷଡଯନ୍ତ୍ର କରି ଦୁଇଭାଗ କରିଦେଇଛନ୍ତି । ଗରୀବଙ୍କ ପାଇଁ ଅଲଗା ସ୍କୁଲ ଧନୀକଙ୍କ ପାଇ ଅଲଗା ସ୍କୁଲ । ଗରିବ ପଢୁଥିବା ସ୍କୁଲ ଶିକ୍ଷକ ନାହିଁ, କର୍ମଚାରୀ ନାହିଁ ଫଳରେ ଆମର ଗରିବ ଲୋକଙ୍କ ପିଲା ବିନା ଶିକ୍ଷକରେ ପାଠ ପଢି ନିଜର ଭବିଷ୍ୟତ ଅନ୍ଧାର କରି ସାରିଛି । ଏଣୁ କ୍ରମାଗତ ଭାବେ ସରକାରଙ୍କ ଷଡଯନ୍ତ୍ର ଯୋଗୁଁ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡି। ଯୋଗୁଁ ଆମ ଲୋକଙ୍କ ଆର୍ଥିକ ଅଭିବୃଦ୍ଧିରେ ଆନ୍ତରାୟ ସୃଷ୍ଟି ହୋଇସାରିଛି ବୋଲି ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୨୧ ର ଖରସେଲପଡାରେ କଂଗ୍ରେସ ଦଳ ତରଫରୁ ଅନୁଷ୍ଠିତ ମହିଳା ସମ୍ମିଳନୀରେ ବଲାଙ୍ଗିର ବିଧାନସଭା ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ । ସମ୍ମିଳନୀରେ ଯୁବନେତା ସମରେନ୍ଦ୍ର ଆହୁରି ମଧ୍ୟ କହିଛନ୍ତି ଯେ ଆମର ଆଗାମୀ ଲକ୍ଷ ହେଲା ଏ ଅଞ୍ଚଳ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି, ୨୦୧୪ ରୁ ୨୦୨୪, ଦଶ ବର୍ଷ ଭିତରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସହରର ପିଇବା ପାଣି ଥିବା ସମସ୍ୟା, ଶିକ୍ଷା ଭିତ୍ତି ଭୂମି, ସ୍ୱାସ୍ଥ୍ୟ ପାଇଁ ମେଡିକାଲ କଲେଜ, କ୍ରୀଡା ଭିତ୍ତି ଭୁମି, ରୋଡ଼ ରାସ୍ତା, ଜଳସେଚନ ପାଇଁ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଭଳି ଅନେକ ଯୋଜନା ଆଣିବାରେ ସଫଳ ହୋଇଛନ୍ତି । ତେଣୁ ବର୍ତ୍ତମାନ ସମୟ ଆସିଛି ଆମର ପିଲାଙ୍କ ଉତ୍ତମ ଶିକ୍ଷା ଓ ରୋଜଗାର ସୃଷ୍ଟି କରିବା,ଏଥିରେ ସଫଳତା ପାଇବା ପାଇଁ ଆମକୁ ଆଗାମୀ ଦିନରେ ଲଢେଇ କରିବାକୁ ହେବ। ଆମକୁ ଏକ ଦୃଢ ଓ ଲଢୁଆ ପ୍ରତିନିଧି ବିଧାନସଭାକୁ ପଠେଇବାକୁ ହେବ । ସଭାରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ମହିଳାଙ୍କ ଉଦ୍ଦେଶ୍ୟରେ କହିଥିଲେ ଆଗାମୀ ନିର୍ବାଚନରେ ବିଧାୟକ ଭାବେ ଆପଣ ମାନେ ସମରେନ୍ଦ୍ର ମିଶ୍ରଙ୍କୁ ହାତ ଚିହ୍ନରେ ଭୋଟ ଦିଅନ୍ତୁ, ଦେଖିବେ ବଲାଙ୍ଗିରର ଛାତ୍ର ଓ ଯୁବକଙ୍କୁ ନିଶ୍ଚିତ ଭାବେ ଉତ୍ତମ ଶିକ୍ଷା ଓ ରୋଜଗାର ପାଇଁ ଏଠାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ଆମେ ନିଶ୍ଚିତ ସଫଳ ହେବା । ସମ୍ମିଳନୀ ମହିଳା କଂଗ୍ରେସ ସଭା ନେତ୍ରୀ ମିଲନି ସାହୁଙ୍କ ସଂଯୋଜନାରେ ହୋଇଥିବା ବେଳେ ଜିଲ୍ଲା ଉପସଭାପତି ମାଣିଆ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, କଂଗ୍ରେସ ନେତା ବିପିନ କୁସଲିଆ, କୁଳମଣି ସାହୁ, ବିଦ୍ୟାଧର ସାହୁ, ରବି ପାଣିଗ୍ରାହୀଙ୍କ ସମେତ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ ।

## ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଶାନ୍ତିପୂର୍ଣ୍ଣ

# ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ ଥଇଥାନ କରାଯାଉ : ଆନ୍ଦୋଳନକାରୀ



କଣ୍ଟାବାଞ୍ଜି, (ସବ୍ୟୁ) : କଣ୍ଟାବାଞ୍ଜି ସହରର ସପ୍ତାହିକ ବଜାର ପରିସରରେ ଥିବା ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ ଓ ନାଗରିକ କମିଟି ପକ୍ଷରୁ ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରିବା ସହ ବର୍ତ୍ତମାନ ବସ ଷ୍ଟାଣ୍ଡର ଆଧୁନିକରଣ କରିବା ଦାବି ରଖାଯାଇ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ବୁଧବାର ସକାଳ ୬ଟାରୁ କମିଟି ସଦସ୍ୟ ମାନେ ସ୍ଥାନୀୟ ଇନ୍ଦିରା ଛକ ନିକଟରେ ଏକଜୁଟ ହୋଇ ପ୍ରତିବାଦ କରି ରାଜ୍ୟ ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ସହରର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ପ୍ରତିଷ୍ଠାନକୁ ବନ୍ଦ କରିବା ସହ ଅଖଚକ ବନ୍ଦ କରାଯାଇଥିଲା ଏବଂ ଜରୁରୀ ସେବାକୁ ବାଦ ଦିଅଯାଇଥିଲା । କଣ୍ଟାବାଞ୍ଜି ଏକ ବ୍ୟବସାୟୀକ ସହର ହୋଇଥିବାରୁ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ସମସ୍ତ ଦୋକାନୀଙ୍କ ଠାରୁ ପୁର୍ଣ୍ଣ ସମର୍ଥନ ମିଳିଥିଲା । କମିଟି ସଦସ୍ୟ କହିବା ଅନୁସାରେ ମାର୍କେଟ କମ୍ପ୍ଲେକ୍ସରେ ରହିଥିବା ୩ଶହରୁ ଉର୍ଦ୍ଧ ଦୋକାନୀ ବସ୍ ଷ୍ଟାଣ୍ଡ ଅନ୍ୟତ୍ର ଗଲେ ରୋଜଗାର ହରାଇବେ ଏବଂ ବସ୍ ଯାତ୍ରୀ ମାନଙ୍କୁ ମଧ୍ୟ ଦୂର ହେବ । ତେଣୁ ଯଦି ନୂତନ ବସ୍ ଷ୍ଟାଣ୍ଡ ତିଆରି ହେଉଛି ତାହା ସମସ୍ତଙ୍କ ପାଇଁ ଭଲ ହେବ । ହେଲେ ପୁରୁଣା ସ୍ଥାନକୁ ରୁପାନ୍ତରୀକରଣ କରି ଏହି ସ୍ଥାନକୁ ମଧ ଦୋକାନୀ ମାନଙ୍କ ପାଇଁ ବ୍ୟବସାୟ କରିବା ଭଳି ସୁଯୋଗ ଦେଉ ବୋଲି ଦାବି ରଖିଛନ୍ତି । ଏହାକୁ ନେଇ ସହରର ଅନେକ ଅନୁଷ୍ଠାନ, ସଂଘ ସାମିଲ ହୋଇ ସହରର ଦୋକାନ ବଜାର ବନ୍ଦ କରିବାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ପରେ ଏକ ଦାବି ପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା । ଇନ୍ଦିରା ଛକରେ କରାଯାଇଥିବା ପ୍ରତିବାଦ ସଭାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା ଯୋଗଦେଇ ସମସ୍ତଙ୍କୁ ଏହାର ଥଇଥାନ କରାଯାଇ ଆଗାମୀ ଦିନରେ ସୁବିଧା କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ସେହିପରି ଏନ୍ଏସି ଅଧ୍ୟକ୍ଷ ବରିୟାମ ସିଂହ ସାଲୁଜା ସାମିଲ ହୋଇ ଆନ୍ଦୋଳନକାରୀଙ୍କୁ ବୁଝାଇବା ସହ ସରକାର ବିରୋଧ କହି ସେମାନେ ତାଙ୍କର ନିଜେ ନିଜେ ସବୁ କାମ ଆରମ୍ଭ କରିଦେଇଛନ୍ତି ଆମ ଏନ୍ଏସିକୁ ମଧ୍ୟ ସୁଚାଇ ନାହାନ୍ତି । ଆମେ କଣ୍ଟାବାଞ୍ଜି ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ ପାଇଁ ମଧ୍ୟ ଚିନ୍ତା କରି ଆଗାମୀ ଦିନରେ ଉନ୍ନତିକରଣ କରିବୁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଅଜୟ ଦାସ, ଆପ୍ ନେତା ସୁରଥ ବେହେରା ଏଥିରେ ସମର୍ଥନ ଜଣାଇବା ସହ ସହରର ହିନ୍ଦୁ ସେବା ସଂଗଠନ, ଶ୍ରୀରାମ ସେନା, କୋଶଳ ମୁକ୍ତି ମୋର୍ଚ୍ଚା, ସମସ୍ତ ସମାଜ ସଦସ୍ୟ, ମାର୍କେଟ କମ୍ପ୍ଲେକ୍ସ ସଭାପତି ସଚିକାନ୍ତ ମିଶ୍ର, ସଂପାଦକ ସନ୍ତୋଷ ନନ୍ଦ, ସମାଜସେବୀ ଦେବାର ବାରିକ, ସଦସ୍ୟ ସତ୍ୟ ନାରାୟନ ମିଶ୍ର, ସଂଜୟ ରାଏ, ବଷ୍ଟୁ ମହାଲିଙ୍ଗ, ଲାଲୁ ଟାହାଣୀ, ତୁଳସୀ ବେହେରା, ଗୋପାଳ ନାଗ, ବିକାଶ ଷଡଙ୍ଗି, ମନିଷ ଠାକୁର, ପ୍ରହ୍ଲାଦ ତ୍ରିପାଠୀ ସମେତ ଶତାଧିକ ସଦସ୍ୟ ସାମିଲ ଥିଲେ ।

# ହୋମିଓପାଥି ଚିକିତ୍ସାର ପ୍ରତିଷ୍ଠାତା ସାମୁଏଲ ହ୍ୟାନିମ୍ୟାନଙ୍କ ଜୟନ୍ତୀ ପାଳିତ



ଝାରସୁଗୁଡା,(ସବ୍ୟୁ): ହୋମିଓପାଥି ଚିକିତ୍ସାର ପ୍ରତିଷ୍ଠାତା ଡ. ଖ୍ରୀଷ୍ଟିଆନ ଫ୍ରିଡ୍ରିକ ସାମୁଏଲ ହ୍ୟାନିମ୍ୟାନଙ୍କ ଜନ୍ମଦିନ ୧୦ ଏପ୍ରିଲରେ ପାଳନ କରାଯାଏ। ଜେଡିଏସ୍ ହୋମିଓପାଥିକ୍ ହସପିଟାଲ୍ ଏବଂ ହୋମିଓପାଥି ବିଶେଷଜ୍ଞ ଡକ୍ଟର ଦେବଶ୍ଳୋକ ଶର୍ମା ଏବଂ ଡାକ୍ତର ଜୀତେଶ ଶର୍ମା କହିଛନ୍ତି ଯେ ହୋମିଓପାଥି ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏବଂ ଏହି ରୋଗରେ ବିଶ୍ୱାସ କରୁଥିବା ରୋଗୀମାନେ ୧୦ ଏପ୍ରିଲରେ ଡାକ୍ତର ହ୍ୟାନେମାନ୍‌ଙ୍କୁ ମନେ ରଖିଛନ୍ତି । ୧୦ ଏପ୍ରିଲ୍ ୨୦୨୪ରେ କେକ୍ କାଟି ଓ ପୁଷ୍ପ ଅର୍ପଣ କରି ଡକ୍ଟର ଖ୍ରୀଷ୍ଟିଆନ ଫ୍ରେଡେରିକ୍ ସାମୁଏଲ୍ ହାନ୍ନେମାନଙ୍କ ୨୬୯ ତମ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ଡ. ପି. ସି. ସାହୁ ଏକ ବକ୍ତବ୍ୟ ମାଧମରେ ଡାକ୍ତର ହ୍ୟାନେମାନଙ୍କ ବିଷୟରେ ଡାକ୍ତରମାନଙ୍କୁ କହିଥିଲେ ଏବଂ ଏହି ଅବସରରେ ନିର୍ଦ୍ଦେଶକ ଏବଂ ଡକ୍ଟର ଜ୍ୟୋର୍ତିମୟ କର, ଡା.ଅଶ୍ୱିନୀ ନାୟକ, ଡ. ପି ସି ସାହୁ, ଡକ୍ଟର ଶ୍ରୀବାୟା, ଡକ୍ଟର ପ୍ରିୟଙ୍କା, ଡକ୍ଟର ଶ୍ୱାତି, ଡକ୍ଟର ଜ୍ୟୋତି, ଡକ୍ଟର ଦିପ୍ତି, ଡକ୍ଟର ପ୍ରବୀଣ, ଡକ୍ଟର ବିଶ୍ୱାସ ପ୍ରମୁଖ ପ୍ରାୟ ୨୦ ଜଣ ଡାକ୍ତରଙ୍କ ସହ ଅଂଶଗ୍ରହଣ କରିଥିଲେ ।

# ଦୁଇ ମୋବାଇଲ ଚୋର ଗିରଫ

ହରଭଙ୍ଗା,(ସବ୍ୟୁ): ହରଭଙ୍ଗା ଥାନା ପକ୍ଷରୁ ଦୁଇ ମୋବାଇଲ ଚୋରଙ୍କୁ ଗିରଫ କରିଛି ପୋଲିସ । ସୂଚନା ମତେ ହୋଲିପର୍ବ ଦିନ ସନ୍ତୋଷ ମାଝୀ ନିଜ ବାଇକ ଡ଼ିକିରେ ମୋବାଇଲ ତିନୋଟି ଓ ନଗଦ ୨୨୦୦ ଟଙ୍କା ରଖି ଥିବା ବେଳେ ଏହାର ସୁଯୋଗ ନେଇ ଦୁଇ ଚୋର ଶତ୍ରୁଘନ ମହାନନ୍ଦିଆ, ଭାଗିରଥି ବଘାର ଅନ୍ୟ ଏକ ଚାବି ରେ ଡ଼ିକି ଖୋଲି ମୋବାଇଲ ଓ ଟଙ୍କା ନେଇଯାଇଥିଲେ । ଏନେଇ ସନ୍ତୋଷ ମାଝୀ ହରଭଙ୍ଗା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରିରଖି କେଶ ନମ୍ବର ୩୪/୨୪ ମାମଲା ରୁଜୁ କରି ଥିଲା ବୁଧବାର ଦିନ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଶୁକ୍ରବାର ବିଦ୍ୟୁତ ଯୋଗାଣ ବନ୍ଦ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲୁଡିଏଲ୍ ପକ୍ଷରୁ ସମ୍ବଲପୁର ସହର ସ୍ଥିତ ଅଇଁଠାପାଲି ନିକଟବର୍ତ୍ତୀ ୩୩ କେଭି ଫିଡର୍ ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ସମ୍ବଲପୁର ସହର ଅନ୍ତର୍ଗତ ଅଇଁଠାପାଲି, କାଇଁସି, ଭାଲୁପାଲି, ବୁଢାରଜା, ଜଗନ୍ନାଥ କଲୋନୀ, ଲକ୍ଷ୍ମୀଟକିଜ୍, ପୋଲିସ୍ ଲାଇନ୍, ଫାଟକ, ଚେରୁଆପଡ଼ା, ବଲବସପୁର, ସମଲେଇଶ୍ୱରୀ ମନ୍ଦିର ଅଞ୍ଚଳ, ବାଲିବନ୍ଧା, ପଞ୍ଚନାୟକପଡ଼ା, ମୁଦିପଡ଼ା, ଲେବର କଲୋନୀ, ରେଲୱେ କଲୋନୀ, ସରକାରୀ ବସଷ୍ଟାଣ୍ଡ, ବଙ୍ଗାଳିପଡ଼ା, ବଡ଼ବଜାର, ଲକ୍ଷ୍ମୀଡୁଙ୍ଗୁରୀ, ଦୁର୍ଗାପାଲି, କାନିଝୁରି, ସହଯୋଗ ନଗର, ରେମେଡ଼, ବରେଇପାଲି ଏବଂ କ୍ଷେତ୍ରରାଜପୁର ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଏପ୍ରିଲ ୧୨ ତାରିଖ ଶୁକ୍ରବାର ଦିନ ସକାଳ ୭ ଟାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି ।

## ବିଜେପିରେ ଗୋଷ୍ଠୀ କନ୍ଦଳ ବିଜେଡ଼ିକୁ ସୁହାଉଛି

# କଂଗ୍ରେସ ପ୍ରାର୍ଥୀକୁ ନେଇ ଛକାପଞ୍ଝା

ବଲାଙ୍ଗିର(ସବ୍ୟୁ): ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଗତିବିଧି ସେତିକି ରୋଚକ ହେବାରେ ଲାଗିଛି । ପୂର୍ବରୁ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିରୋଧୀ ବିଜେପି ଦଳର ତୃଣମୂଳ ସ୍ତରରୁ ସଂଗଠନ କରି ଆସୁଥିବା ଦଳୀୟ ନେତା ମାନଙ୍କୁ ବାଦ ଦେଇ ରାଜନିତୀରେ ନବାଗତ ନବୀନ ଜୈନଙ୍କୁ ପ୍ରାର୍ଥୀ କରିଛି । ପୂର୍ବରୁ ବିଜେପି ଦଳ ପାଇଁ ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରିଆସୁଥିବା ଦଳୀୟ ନେତା ମୁକେଶ ଜୈନ, ବିଧାୟକ ପ୍ରାର୍ଥୀ ସାଜିଥିବା ମହେନ୍ଦ୍ର ଠାକୁର, ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ପୂର୍ବତନ ଟିଟିଲାଗଡ଼ ଏନ ଏ ସି ଅଧ୍ୟକ୍ଷ ଶୁଭ୍ରାଂଶୁ ଦାଶ, ଯାଦବ ନେତା ମନୋଜ ହାତୀ ଭଳି ଅନେକ ସଂଗଠକ ରହି ପ୍ରାର୍ଥୀ ଭାବରେ ଆବେଦନ କରି ଥିଲେ । ନବାଗତଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଏବେ ବିଜେପି ଦଳରେ ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ନେବାରେ ଲାଗିଛି । ଅନେକ ଆଶାୟୀ ପ୍ରାର୍ଥୀ ପ୍ରାର୍ଥୀ ଘୋଷଣାକୁ ନେଇ ସହଜରେ ବିଶ୍ୱାସ କରି ପାରୁନଥିବା ବେଳେ ଦଳ ଭିତରେ ମତ ପାର୍ଥକ୍ୟ ଦେଖା ଦେବା ସହ ଗୋଷ୍ଠୀ ବିଭାଜନ ଦେଖୁଛି । ସେପଟେ ଶାସକ ଦଳର ଏକମାତ୍ର ପ୍ରାର୍ଥୀ ତାଲିକାରେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁ ରହିଥିବା ବେଳେ ଟିଟିଲାଗଡ଼ ଅଞ୍ଚଳରେ ତାଙ୍କର ପ୍ରଚାର ଜୋର ଧରିଛି । ଗତ ୫ବର୍ଷରେ ହୋଇଥିବା ଅନେକ ବିକାଶ ମୂଳକ କାର୍ଯ୍ୟକ୍ରମକୁ ନେଇ ସାଧାରଣ ଭୋଟରଙ୍କ ପାଖକୁ ବିଜେଡି ଯାଉଛି । ଅନ୍ୟ ପକ୍ଷରେ କଂଗ୍ରେସ ପ୍ରାର୍ଥୀ ଘୋଷଣା ବିଳମ୍ବ ହୋଇଥିବାରୁ ସହରରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇବାରେ ଲାଗିଛି । କଂଗ୍ରେସ ଦଳ ତରଫରୁ ଯୁବ ନେତା ତଥା ଆଇନଜୀବି ଭାବରେ ରହିଥିବା ବୀରେନ୍ଦ୍ର ବାଗଙ୍କ ନାମ ପ୍ରାୟ ଚୂଡ଼ାନ୍ତ ହୋଇଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି । ଗରିବ ସେନା ନାମରେ ଏକ ସଂଗଠନ କରି ବୀରେନ୍ଦ୍ର ବାଗ ଗତ ଦଶ ବର୍ଷ ଧରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ଯୋଗୁଁ ଅଞ୍ଚଳରେ ଜଣେ ଦକ୍ଷ ସଂଗଠକ ଭାବରେ ପରିଚିତ । ଏମିତି ସ୍ଥଳରେ ଟିଟିଲାଗଡ଼ରେ ତ୍ରୀମୁଖି ଲଢେଇ ହେବାର ସମ୍ଭାବନା ରହିଥିବା ବେଳେ ବିଜେପିର ଗୋଷ୍ଠୀ କନ୍ଦଳ ଯୋଗୁଁ ଏହାକୁ ଆଗାମୀ ଦିନରେ କିପରି ପ୍ରଶମିତ କରିବ ଦଳ ପାଇଁ ତାହା ମୁଣ୍ଡବ୍ୟଥା ପାଲଟିଛି ।

# ଯୁଯୋମୁରାରେ ଅଷ୍ଟଶମ୍ଭୁ ମହାମିଳନ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଠାରେ ଅଷ୍ଟଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଯାଇଛି । ରୀତିନୀତି ଅନୁଯାୟୀ ଏହି ମହାମିଳନ ପର୍ବରେ ଯୁଯୋମୁରାର କପିଳେଶ୍ୱର , ବଡମାଳର ଧବଳେଶ୍ୱର, ଲେପ୍ରିଖଣ୍ଡିର ସିଦ୍ଧେଶ୍ୱର, ଲିପିଣ୍ଡାର ଲିଙ୍ଗେଶ୍ୱର, କୁଆଖୋଲର କେଦାରେଶ୍ୱର, ସାଗଜୋରୀର ଯୋଗେଶ୍ୱର, ଅଇଁଲାଝରଣର ବିମଳେଶ୍ୱର ଓ ରେଢାଖୋଲର କାଶି ବିଶ୍ୱନାଥ ବାବାଙ୍କ ଯାତ୍ରା ସାମିଲ ହୋଇଥିଲା । ଫଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହା ଦେଖିବାକୁ ଆଖପାଖ ଅଞ୍ଚଳର ହଜାରହଜାର ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥିଲା । ରେଢାଖୋଲ ବିଧାୟିକ ଇଂ. ରୋହିତ ପୁଜାରୀଙ୍କ ଧର୍ମପତ୍ନୀ ବୈଶାଳୀ ପୁଜାରୀ ଅଷ୍ଟଶମ୍ଭୁଙ୍କ ଦର୍ଶନ କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ । ସୂଚନାଯୋଗ୍ୟ, ଚୈତ୍ର ମାସରେ ଦଣ୍ଡ ପରମ୍ପରା ଅନନ୍ୟ ଅଟେ । ବିଶେଷ କରି ପଶ୍ଚିମ ଓଡିଶାରେ ଦଣ୍ଡ ସଂସ୍କୃତି ଓ ପରମ୍ପରା ବହୁଳ ଭାବେ ପ୍ରଚଳିତ । ତେବେ ପ୍ରତିବର୍ଷ ଯୁଯୋମୁରା ଠାରେ ଏଭଳି ଅଷ୍ଟଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଥାଏ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶ୍ରଦ୍ଧାଳୁଙ୍କୁ ଭୋଗ ବିତରଣ କରାଯାଏ । ଏହି କାର୍ଯ୍ୟକ୍ରମରେ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଉଷା ପ୍ରଧାନ, ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା, ବ୍ଲକ ମହିଳା ଜନତା ଦଳ ସଭାପତି ଲଳିତା ପ୍ରଧାନ, ସମ୍ବଲପୁର ଜୋନ୍ ଯୁବ ଜନତା ଦଳ ସଭାପତି ଦେବାଶିଷ ପରିଡା, ବ୍ଲକ ଯୁବ ବିଜେଡି ସଭାପତି ବିଜୟ ବିଶ୍ୱାଳ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ସମିତିସଭ୍ୟ ନୃପଶେଖର କୁମୁରା ଓ ମେଘପାଳ ସରପଞ୍ଚ ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଟଣେଶ୍ୱରୀ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ ଗଠିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ଅନ୍ୟତମ ପ୍ରମୁଖ ଶକ୍ତିପୀଠ ପାଟଣେଶ୍ୱରୀ ମନ୍ଦିରର ନୂତନ ଟ୍ରଷ୍ଟବୋର୍ଡ ଗଠିତ ହୋଇଯାଇଛି । ସର୍ବସମ୍ମତି କ୍ରମେ ସୁଶାନ୍ତ ପୁରୋହିତ ଟ୍ରଷ୍ଟି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ନୃସିଂହଚରଣ ଦାସ, ପ୍ରେମ ରଞ୍ଜନ ପ୍ରଧାନ, ଅଶୋକ କୁମାର ପ୍ରଧାନ, ଡ. ସତ୍ୟନାରାୟଣ ଠାକୁର, ସିଦ୍ଧାର୍ଥ ଦଫେଦାର ଓ ଶକ୍ତିପ୍ରସାଦ ପାଣିଗ୍ରାହୀ ସଦସ୍ୟ ଅଛନ୍ତି । ଏହି ନୂତନ କର୍ମକର୍ତ୍ତା ମାନେ ଦାୟିତ୍ୱ ଗ୍ରହଣ କରିବା ପରେ ମାଁ ପାଟଣେଶ୍ୱରୀଙ୍କୁ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଥିଲେ । ବୈଠକରେ ପୂର୍ବତନ ସଦସ୍ୟ ସୁଧିର ପୁଜାରୀ, ବିଦାୟୀ ସଦସ୍ୟ ପ୍ରମୋଦ ରାଠି, ପ୍ରକାଶ ପ୍ରଧାନ ଓ ଧିରେନ୍ଦ୍ର ଦାଶ ଉପସ୍ଥିତ ରହି ନୂତନ ଟ୍ରଷ୍ଟ ବୋର୍ଡକୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

# ପିକ୍‌ଅପ୍ ଦୁର୍ଘଟଣାରେ ବୃଦ୍ଧ ଗୁରୁତର

କଲମପୁର,(ସବ୍ୟୁ): କଲମପୁର ଥାନା ଓ ଜୁନାଗଡ଼ ଥାନା ସନ୍ଧି ସୀମା ନିକଟରେ ବୁଧବାର ଅପରାହ୍ନରେ ବଙ୍କାପଲା ଗ୍ରାମର ଗୋରୁ ଚରାଳୀ ହରିହର ନାଏକ (୬୫)ଙ୍କ ପିକଅପ ଗାଡ଼ି ନଂ ଓଡ଼ି ୦୩ ୟୁ ୩୧୯୩ ଧକ୍କା ଦେବାରୁ ଗୁରୁତର ଥିବା ଜଣା ପଡିଛି । ଗୁରୁତରଙ୍କୁ ଉଦ୍ଧାର କରି କଲମପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଜଟିଳ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ପିକଅପ ଗାଡ଼ିଟି ବଲାଙ୍ଗିର ଠାରୁ ସୁପାରି ବୋଝେଇ କରି କଲମପୁର ଅଭିମୁଖେ ଆସୁଥିବା ସମୟରେ ବଙ୍କାପଲା ଠାରେ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣା କାରି ହରିହର ଗାଈ ଗୋରୁକୁ ନେଇ ନିଜ ଘରକୁ ଯାଉଥିବା ସମୟରେ ପିକଅପ ଗାଡ଼ିଟି ଭାରସାମ୍ୟ ହରାଇବାରୁ ହରିହର ଏବଂ ଦୁଇ ଗାଈ ଗୋରୁକୁ ମାଡ଼ି ଯିବାରୁ ଘଟଣା ସ୍ଥଳରେ ଗୁରୁତର ହୋଇଥିଲେ । ପିକଅପ ଗାଡ଼ି ଡ୍ରାଇଭରକୁ ଥାନାରେ ଅଟକ ରହିଥିବା ଜଣା ପଡିଛି । ରାସ୍ତା ଅବରୋଧ କରିଥିବା ପରିବାର ବର୍ଗଙ୍କୁ ପୋଲିସ ବୁଝାସୁଝା ସହ ତଦନ୍ତ ଜାରି ରଖିଛନ୍ତି।

# ଦୁଇଟି ସ୍ଥାନରେ ପାଳନ ହେଲା ତେଲୁଗୁ ନବ ବର୍ଷ



ରାୟଗଡା,(ସବ୍ୟୁ): ରାୟଗଡ଼ା ସହର ଆଲୋକରେ ସୁସଜ୍ଜିତ ହେବା ସହ ଚଳଚଞ୍ଚଳ ହୋଇଛି ତେଲୁଗୁ ନବ ବର୍ଷ ତଥା ଉଗାଦି ଉତ୍ସବ ପାଳନ କରାଯାଇଛି। ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସହରର ଦୁଇଟି ସ୍ଥାନରେ ପାଳନ ହେଲା ତେଲୁଗୁ ନବ ବର୍ଷ । ଦୁଇ ଦିନ ଧରି ଏହି ଉତ୍ସବ ପାଳନ କରାଯାଇଛି । ରାୟଗଡା ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ୧୨ତମ ଉଗାଦି ଉତ୍ସବ ପାଳନ ବୋଲି କୁହାଯାଇଛି। ଆବାହକ ରାଇସିଂ ବିଡିକା ଓ ସଭାପତି ଏନ.ଭାସ୍କର ରାଓଙ୍କ ନେତୃତ୍ୱରେ ସ୍ଥାନୀୟ ହୋଟେଲ ତେଜସ୍ୱୀ ସମ୍ମୁଖ ପଡିଆରେ ଦୁଇ ଦିନ ଧରି ଏହି ଉତ୍ସବ ପାଳନ କରାଯାଇଛି । ମଙ୍ଗଳବାର ସକାଳେ ପଂଚାଙ୍ଗ ଶ୍ରବଣମ, କବିତା ଗୋଷ୍ଠୀ, ଉଗାଦୀ ପାଇଁ ସ୍ୱତନ୍ତ୍ର ଆନ୍ଧ ଆଚାର ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରୁ ତେଜସ୍ୱୀ ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଆଞ୍ଜାମାଳ ଅଣାଯାଇଥିଲା। ପରେ ମନ୍ତ୍ର ପାଠକରି ଦୀପ ପ୍ରଜ୍ୱଳନ କରି ଉଗାଦୀ ଉତ୍ସବ ଆରମ୍ଭ ହୋଇଥିଲା । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେଭଳି ସଂଧାରେ ତେଲୁଗୁ ସଂଗୀତ ଜଗତର ଖ୍ୟାତାନାମା ଗାୟକ ତଥା ଅଭିନେତାମାନଙ୍କ ସମେତ ଗାୟକ ଅରୁଣ କୌଦିନୟା, ଶ୍ରବଣା ଭାର୍ଗବୀ, ହାରିକା ନାରାୟଣ ପ୍ରମୁଖ ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି । ଏଥିରେ ରାୟଗଡାର ତେଲୁଗୁ ଏବଂ ଓଡିଆ ସଂପ୍ରଦାୟର ଭାଇଭଉଣୀମାନେ ଯୋଗ ଦେଇଥିବାରୁ ସଭାପତି ଭାସ୍କର ରାଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେହିପରି ରାୟଗଡା ସହର ଉପକଣ୍ଠ ଖଲିଗୁଡା ନିକଟସ୍ଥ ପଡିଆରେ ଜିଲ୍ଲା ଉଗାଦୀ କମିଟି ପକ୍ଷରୁ ମଧ୍ୟ ଦୁଇ ଦିନ ଧରି ଉଗାଦି ଉତ୍ସବ ପାଳନ କରାଯାଇଛି । ଏହି କମିଟିର ଅଧ୍ୟକ୍ଷ ୟାଲ୍ଲା ଭେଙ୍କେଟେଶ୍ୱର ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶ୍ରୀ କ୍ରୋଧିନାମ ସମଭତାଶରମ୍ କାର୍ଯ୍ୟକ୍ରମ ସହ ପଂଚାଙ୍ଗ ଶ୍ରବଣମ, ଉଗାଦୀ ଆଚାର ବଂଟନ, ଗୀତା ପାରାୟଣମ୍, କବି ସମ୍ମିଳନୀ ଓ କବିତା ଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ତେଲୁଗୁ ସିନେମା ଜଗତର ଖ୍ୟାତାନାମା ଅଭିନେତ୍ରୀ ପାୟଲ ରାଜପୁତ, କଣ୍ଠଶିଳ୍ପୀ ୟାଜିନ୍ ନିଜାର, ସାହିତି ଛଗାନ୍ତିଙ୍କ ସମେତ ଜବରଦସ୍ତ ଏପିସୋଡର ହାସ୍ୟ କଳାକାରମାନଙ୍କ ସମେତ ଅନ୍ୟ ନୃତ୍ୟୁ ଗ୍ରୁପର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଛି । ଏହି ଉଗାଦି ଉତ୍ସବ ପାଳନ ଅବସରରେ ସହରରେ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟର ଭାଇଚାରା ଦେଖିବାକୁ ମିଳିଥିବା ବେଳେ ରାୟଗଡ଼ା ସହର ବାସୀ ଉଲ୍ଲାସର ସହ ଉତ୍ସବକୁ ଉପଭୋଗ କରିଛନ୍ତି ।

# ଶିକ୍ଷା, ସ୍ୱାସ୍ଥ୍ୟ ନାମରେ ବ୍ୟବସାୟକୁ ବିରୋଧ କରାଯିବ : ସୁକାନ୍ତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ବିଧାନସଭା ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ଓ କନ୍ଧମାଳ ଲୋକସଭା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ । ଅଭିଯୋଗ ହୋଇଥିଲା ଯେ ବୌଦ୍ଧ ବିଧାନସଭା ମଣ୍ଡଳୀରେ ଦୀର୍ଘ ୨୪ ବର୍ଷ ହେବ ମନ୍ତ୍ରୀ ତଥା ବିଧାୟକ ପ୍ରଦୀପ ଅମାତ ପ୍ରତିନିଧିତ୍ୱ କରୁଥିବା ବେଳେ ଏହି ନିର୍ବାଚନ ମଣ୍ଡଳିରେ ଆଜିବି ବୌଦ୍ଧ ଜିଲ୍ଲା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ , ବାସଗୃହ ଯୋଗାଇବାରେ ବହୁ ପଛରେ ପଡିଛି । ବର୍ତ୍ତମାନ ଜିଲ୍ଲାର ବିକାଶ ଉପରେ ସମସ୍ତଙ୍କର ସମୀକ୍ଷା କରିବାର ଆବଶ୍ୟକତା ରହିଥିବା କହିଥିଲେ । ନିର୍ବାଚିତ ଜନପ୍ରତିନିଧି ଜିଲ୍ଲା ପ୍ରତି ସ୍ୱତନ୍ତ୍ର ଯୋଜାନା କରି ସରକାରଙ୍କ ଠାରୁ ଅର୍ଥ ଆଣିବାରେ ବିଫଳ । ଫଳରେ ଜିଲ୍ଲା ପଛରେ ପଡିଥିବା ଅଭିଯୋଗ କରିଥିଲେ । ଜିଲ୍ଲାରେ ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା ପାଇଁ କୌଣସି ଯୋଜନା ନାହିଁ । ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଷୁଡି ପଡିଥିବା ବେଳେ ସରକାରୀ ମହାବିଦ୍ୟାଳୟ, ପୁରୁଣା ବିଇଡି କଲେଜର ପୁନଃରୁଦ୍ଧାର , ମେଡିକାଲ କଲେଜ , କୃଷି ମହାବିଦ୍ୟାଳୟ ଯୋଜନା ସ୍ୱପ୍ନରେ ରହିଛି । ବୌଦ୍ଧ ସହରର ମୁଖ୍ୟ ସ୍ଥଳରେ ଥିବା ଜରିଖଣ୍ଡିର ପୁନଃରୁଦ୍ଧାର ହୋଇପାରିଲାନାହିଁ । ଜିଲ୍ଲାରେ ଜମି, ଜଳ ଓ ଜଙ୍ଗଲରେ ପରିପୁର୍ଣ୍ଣ ଥିବା ବେଳେ ଯୋଜାନା ଅଭାବରୁ ଜନସାଧାରଣ ଆର୍ଥିକ ଭାବେ ଦୟନୀୟ ବୋଲି କହିଥିଲେ। । ଜିଲ୍ଲାରେ ବୀରନରସିଂହପୁର ଠାରେ ଜିଲ୍ଲାବାସୀଙ୍କ ପାଇଁ ଏକ ନନ୍ଦନବନର ଯୋଜନା ପ୍ରସ୍ତୁତ ହେଲା । କିଛି କାମ ମଧ୍ୟ ହୋଇଛି । କିନ୍ତୁ ବର୍ତ୍ତମାନର ବିଧାୟକଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହା ଏବେ ଅଧାର ପଡିରହିଛି । କନ୍ଧମାଳ ସାଂସଦ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀ କହିଥିଲେ ଗତ ଥରର ସାଂସଦ ତଥା ଏଥର ବିଜେଡି ଦଳର ପ୍ରାର୍ଥୀ ଜିଲ୍ଲାରେ ବିଭିନ୍ନ ଅନୁଷ୍ଠାନ କରି ନିଜର ବ୍ୟବସାୟ ବୃଦ୍ଧି କରିବାରେ ବ୍ୟସ୍ତ ରହୁଥିବା ଯୋଗୁଁ ଜିଲ୍ଲାର ବିକାଶରେ ବାଧକ ସାଜିଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ବିଜେପି ତାର ସହଯୋଗୀ ଦଳ ମାନଙ୍କୁ ନେଇ ଲୋକସଭାରେ ୪୦୦ ପାର ଲକ୍ଷ୍ୟ ନେଇ ନିର୍ବାଚନକୁ ଓହ୍ଲାଇଥିବା ବେଳେ ରାଜ୍ୟରେ ଡବଲ ଇଂଜିନ ସରକାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ସଂକଳ୍ପବଦ୍ଧ ବୋଲି କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ପ୍ରେମାନନ୍ଦ ମିଶ୍ର , ତାପସ ପଟନାୟକ, ମନରଞ୍ଜନ ଦାସ, ଶ୍ୟାମସୁନ୍ଦର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ ।

